ପ୍ରେସ ନୋଟ

## ଜିଲ୍ଲା ସ୍ତରୀୟ ବିଶ୍ୱ କଳାମୋତିଆ ଦିବସ ପାଳିତ ।

ଅନୁଗୋଳ ତା. ୨୪.୦୩ :- ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଶ୍ୱ କଳାମୋତିଆ ଦିବସ ପାଳିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଦିଲ୍ଲିପ କୁମାର ପଟ୍ଟନାୟକ ଯଥାଶିଘ୍ର ଚିହ୍ନଟ ଓ ସଠିକ ଚିକିତ୍ସା କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଚକ୍ଷୁ ବିଶେଷଜ୍ଞ ଡା.ପରମେଶ୍ୱର ଜେନା କଳାମୋତିଆ ରୋଗର କାରଣ,ନିରାକରଣ ଓ ଚିକିତ୍ସା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି ଅବସରରେ ଏକ ରାଲି ମୁଖ୍ୟ ଚିକିତ୍ସାଳୟରୁ ବାହାରି ବଜାର ପରିକ୍ରମା କରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ଡା.ନୀଳମାଧବ ପ୍ରଧାନ,ଆଶା କର୍ମୀ,ନର୍ସିଂ ଛାତ୍ରୀ ଓ ବିଭାଗୀୟ କର୍ମଚାରୀ ମାନେ ଯୋଗ ଦେଇଥିଲେ।

## ବିଶ୍ୱ ଯକ୍ଷ୍ମା ଦିବସ

ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି ।ଏହି ବୈଠକରେ ଅଧ୍ୟକ୍ଷତା କରି ସେ ଯକ୍ଷ୍ମା ରୋଗର କାରଣ,ପ୍ରତିକାର ଓ ଚିକିତ୍ସା ଉପରେ ଆଲୋକପାତ କରିଥିଲେ । ଡଟସ୍ ପଦ୍ଧତିରେ ଏହି ରୋଗ ସମ୍ପୂର୍ଣ୍ଣ ଆରୋଗସାଧ୍ୟ । ଏହି ଚିକିତ୍ସା ପଦ୍ଧତିରେ କୌଣସି ଗୋଟିଏ ମାତ୍ରା ବନ୍ଦ ନକରିବାକୁ ସେ ସୂଚାଇଦେଇଛନ୍ତି । ଯକ୍ଷ୍ମା ରୋଗ ମୁଖ୍ୟତଃ ଫୁସଫୁସକୁ ଆକ୍ରାନ୍ତ କରିଥାଏ, କିନ୍ତୁ ଏହା ନଖ ଓ ଚୁଟିକୁ ଛାଡି ଶରୀରର ଅନ୍ୟ ଅଙ୍ଗକୁ ମଧ୍ୟ ପ୍ରଭାବିତ କରିପାରେ ବୋଲି ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡା.ବିଶ୍ୱ ବିହାରୀ ମହାନ୍ତି ପ୍ରକାଶ କରିଥିଲେ । ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ପରୀକ୍ଷା କରାଯିବା ସହ ଚିକିତ୍ସା ସହାୟତା ଓ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । ଏହା ସହିତ ଏ ଦିବସର ବାର୍ତ୍ତା "ହଁ ଆମେ ଯକ୍ଷ୍ମାର ଅନ୍ତ ନିଶ୍ଚୟ କରିପାରିବା" ଉପରେ ସେ ଆଲୋକପାତ କରିଥିଲେ। ଆସନ୍ତା ୨୦୨୫ ସୁଦ୍ଧା ଯକ୍ଷ୍ମା ମୁକ୍ତ ଭାରତ ଗଠନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଲକ୍ଷେ ଏକ ରାଲି ସହର ପରିକ୍ରମା କରିଥିଲା ।ଉକ୍ତ ରାଲିକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ମେଡିକାଲ) ଡା.ମାନସ ରଞ୍ଜନ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ପୂର୍ଣ୍ଣିମା ଉଦଗାତା, ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଧନଞ୍ଜୟ ବେହେରା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ଦିପକ ମହାନ୍ତି, ବିଭାଗୀୟ ଅଧିକାରୀ,ନର୍ସିଂ ଛାତ୍ରୀ ଓ ପାରାମେଡିକାଲ ଷ୍ଟାଫ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା-୨୬୩ ତା.୨୪.୦୩.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G
2023.03.24 18:12


ବିଶ୍ୱ ଯକ୍ଷ୍ମା ଦିବସ ୨୪ ମାର୍ଚ୍ଚ, ୨୦୨୩
ହଁ ! ଆମେ ଯକ୍ଷ୍ମାର ଅନ୍ତ ନିଶ୍ଚୟ କରିପାରିବା ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ
OPPO Reno7 5G
2023.03.24 10:27


Yes! We can end TB!
ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଅନୁଗୋଳ
OPPO Reno7 5G
2023.03.24 10:27